**NATIONAL NEWS BULLETIN (ODIA)**

**23 August - 2024**

**Mid-Day : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଦେଶର ସାମାଜିକ ଆର୍ଥିକ ବିକାଶ କ୍ଷେତ୍ରରେ ଇସ୍ରୋର  ଅଭୂତପୂର୍ବ ଯୋଗଦାନକୁ ପ୍ରଶଂସା କଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ପୋଲାଣ୍ଡ ଗସ୍ତ ଶେଷକରି ୟୁକ୍ରେନ୍‌ର ରାଜଧାନୀ କିଭ୍‌ରେ ପହଞ୍ଚିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

- ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲଙ୍କ ଜାମିନ ଆବେଦନର ଶୁଣାଣି ସେପ୍ଟେମ୍ବର ୭ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ।

- ନୂଆ କେନ୍ଦ୍ର ଗୃହ ସଚିବ ଭାବେ ଦାୟିତ୍ୱ ଗ୍ରହଣ କଲେ ବରିଷ୍ଠ ଆଇଏଏସ ଅଧିକାରୀ ଗୋବିନ୍ଦ ମୋହନ

ଏବଂ

- ଆମେରିକା ଉପରାଷ୍ଟ୍ରପତି କମଳା ହାରିସ୍ ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ଡେମୋକ୍ରାଟିକ୍ ଦଳର ପ୍ରାର୍ଥୀ ଚୂଡ଼ାନ୍ତ ।

---

## ସ୍ପେସ୍ ଡେ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି ଭାରତୀୟ ମହାକାଶ ଅନୁସନ୍ଧାନ ସଂଗଠନ-ଇସ୍ରୋ କେବଳ ମହାକାଶ କ୍ଷେତ୍ରରେ ନୁହେଁ, ବରଂ ଦେଶର ସାମାଜିକ ଆର୍ଥିକ ବିକାଶ କ୍ଷେତ୍ରରେ ଅଭୂତପୂର୍ବ ଯୋଗଦାନ କରିଛି ।

ଆଜି ନୂଆଦିଲ୍ଲୀର ଭାରତ ମଣ୍ଡପମ୍ ଠାରେ ପ୍ରଥମ ରାଷ୍ଟ୍ରୀୟ ମହାକାଶ ଦିବସର ମୁଖ୍ୟ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି  ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଏହା କହିଛନ୍ତି । ସେ କହିଛନ୍ତି ମହାକାଶ କ୍ଷେତ୍ରରେ ବିକାଶ ହେବା ଫଳରେ ମାନବୀୟ କ୍ଷମତା ବୃଦ୍ଧି ପାଇଛି ଏବଂ ଆଜି ଆମ କଳ୍ପନାରେ ଥିବା ବିଷୟବସ୍ତୁ ବାସ୍ତବିକତାରେ ପରିଣତ ହୋଇଛି । ସେ କହିଛନ୍ତି ଭାରତର ମହାକାଶ ଗବେଷଣା କ୍ଷେତ୍ରରେ ପ୍ରଗତି ଅନେକ ରହସ୍ୟକୁ ଲୋକଲୋଚନକୁ ଆଣିବାକୁ ସକ୍ଷମ ହେବ ।

**V/O**

ମହାକାଶ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂ କହିଛନ୍ତି ନରେନ୍ଦ୍ର ମୋଦୀଙ୍କ ସରକାର ମହାକାଶ କ୍ଷେତ୍ରରେ ପୂର୍ବରୁ ରହିଥିବା ସମସ୍ତ ପ୍ରତିବନ୍ଧକରୁ ମୁକ୍ତ କରିଛନ୍ତି । ସେ କହିଛନ୍ତି ୭୦ ବର୍ଷ ହେବ ମହାକାଶ କ୍ଷେତ୍ରରେ ରହିଥିବା ଗୋପନୀୟତାକୁ ଦୂର କରି ଆଜି ଦେଶ ଅଗ୍ରଗତି କରୁଛି ।

ଏହି ଅବସରରେ ଇସ୍ରୋର ଅଧ୍ୟକ୍ଷ ଏସ୍. ସୋମନାଥ କହିଛନ୍ତି ରାଷ୍ଟ୍ରୀୟ ମହାକାଶ ଦିବସ ସାରା ଦେଶରେ ଅତ୍ୟନ୍ତ ଉତ୍ସାହର ସହ ପାଳନ କରାଯାଉଛି । ଏଥିରେ ସମସ୍ତ ବିଭାଗ, ମନ୍ତ୍ରଣାଳୟ, ଶିକ୍ଷାନୁଷ୍ଠାନ, ବିଜ୍ଞାନ ସଂଗଠନ ଏବଂ ସାଧାରଣ ନାଗରିକମାନେ ଭାଗ ନେଉଛନ୍ତି ।

ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଅନୁଷ୍ଠିତ ଉତ୍ସବରେ ଇସ୍ରୋ ଦ୍ୱାରା ଆୟୋଜିତ ରୋବୋଟିକ୍ସ ପ୍ରତିଯୋଗିତା ଏବଂ ଭାରତୀୟ ମହାକାଶ ହାକାଥନ୍ ର ବିଜେତାମାନଙ୍କୁ ପୁରସ୍କାର ପ୍ରଦାନ କରିଛନ୍ତି ।

........................................................................

# ପିଏମ୍-ୟୁକ୍ରେନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୋଲାଣ୍ଡ ଗସ୍ତ ଶେଷକରି ଆଜି ୟୁକ୍ରେନ୍‌ର ରାଜଧାନୀ କିଭ୍ ରେ ପହଞ୍ଚିଛନ୍ତି । ଶ୍ରୀ ମୋଦୀ ୟୁକ୍ରେନ୍ ରାଷ୍ଟ୍ରପତି  ଭୋଲ୍‌ଦମୀର ଜେଲେନ୍‌ସ୍କିଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ । ୟୁକ୍ରେନ୍ ଯିବା ପୂର୍ବରୁ ଶ୍ରୀ ମୋଦୀ କହିଛନ୍ତି ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ଏବଂ ଚାଲିଥିବା ୟୁକ୍ରେନ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଉପରେ ସେ ରାଷ୍ଟ୍ରପତି ଜେଲେନ୍‌ସ୍କିଙ୍କ ସହ ପୂର୍ବ ଆଲୋଚନା କରିବେ। ସେ କହିଛନ୍ତି ଯେ, ଜଣେ ବନ୍ଧୁ ଏବଂ ଅଂଶୀଦାର ଭାବରେ ଆମେ ଆଶା କରୁଛୁ ଯେ ଶୀଘ୍ର ଏହି ଅଞ୍ଚଳରେ ଶାନ୍ତି ଏବଂ ସ୍ଥିରତା ଫେରିବ ।

**V/O (PM MODI)**

୧୯୯୨ରେ ଦୁଇ ଦେଶ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପନ ହେବା ପରେ କୌଣସି ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ଏହା ପ୍ରଥମ ୟୁକ୍ରେନ ଗସ୍ତ ହେବ। ଅର୍ଥନୈତିକ ଏବଂ ବ୍ୟବସାୟିକ ସମ୍ପର୍କ, କୃଷି, ଭିତ୍ତିଭୂମି, ସ୍ୱାସ୍ଥ୍ୟ ଓ ଶିକ୍ଷା, ଔଷଧ, ପ୍ରତିରକ୍ଷା, ସଂସ୍କୃତି ଏବଂ ଜନସାଧାରଣଙ୍କ ମଧ୍ୟରେ ସମ୍ପର୍କ ପର୍ଯ୍ୟନ୍ତ ଦ୍ୱିପାକ୍ଷିକ ସମ୍ପର୍କର ସମସ୍ତ ଦିଗ ଉପରେ ଶ୍ରୀ ମୋଦୀ ଏବଂ ଶ୍ରୀ ଜେଲେନ୍‌ସ୍କି ଆଲୋଚନା କରିବେ । ୟୁକ୍ରେନରେ ଚାଲିଥିବା ସଂଘର୍ଷ ପରିପ୍ରେକ୍ଷୀରେ ଏହି ଗସ୍ତ ହେଉଥିବାରୁ, ଏହା ମଧ୍ୟ ଆଲୋଚନାର ଏକ ଅଂଶ ହେବ । ବୁଝାମଣାରେ ପହଞ୍ଚିବା ପାଇଁ ଭାରତ କ୍ରମାଗତ ଭାବେ କୂଟନୀତି ଓ ଆଲୋଚନା ପାଇଁ ପରାମର୍ଶ ଦେଇ ଆସୁଛି। ମୋଦୀଙ୍କ

ୟୁକ୍ରେନ୍ ଗସ୍ତ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ସୁଦୃଢ଼ ଓ ବିସ୍ତାର କରିବାରେ ସହାୟକ ହେବ ବୋଲି ଆଶା କରାଯାଉଛି ।

## ଏସ୍‌ସି-କେଜରିଓ୍ୱାଲ

ସୁପ୍ରିମକୋର୍ଟ ଆଜି ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିଓ୍ୱାଲଙ୍କ ଆବେଦନ ଉପରେ ଶୁଣାଣି ସ୍ଥଗିତ ରଖିଛନ୍ତି । ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଉଜ୍ଜ୍ୱଳ ଭୂୟାଁଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ ।  ଦିଲ୍ଲୀ ମଦ ନୀତି ଦୁର୍ନୀତି ମାମଲାରେ ସିବିଆଇ ଗିରଫଦାରୀକୁ ବେନିୟମ ଦର୍ଶାଇ କେଜରିଓ୍ୱାଲ  ଜାମିନ ଆବେଦନ କରିଥିଲେ । ଏହି ମାମଲାରେ ସିବିଆଇ, ସତ୍ୟପାଠ ଦାଖଲ ନିମନ୍ତେ ଅଧିକ ସମୟ ଆବଶ୍ୟକ ହେଉଥିବାରୁ ସେପ୍ଟେମ୍ବର ୫ ତାରିଖ ପର୍ଯ୍ୟନ୍ତ ଶୁଣାଣି ସ୍ଥଗିତ ରଖାଯାଇଛି ।

ଏହା ପୂର୍ବରୁ ଦିଲ୍ଲୀର ଏକ ନ୍ୟାୟାଳୟ ମଦ ଦୁର୍ନୀତି ମାମଲାରେ ସିବିଆଇ ଦ୍ୱାରା ଦାୟର ମାମଲାରେ କେଜରିଓ୍ୱାଲଙ୍କ ନ୍ୟାୟିକ ହେପାଜତ ସମୟ ସୀମା ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ।

ସୂଚନାଯୋଗ୍ୟ ଚଳିତବର୍ଷ ଜୁନ୍ ୨୬ ତାରିଖରେ ସିବିଆଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିଓ୍ୱାଲଙ୍କୁ ଗିରଫ କରିବା ପରେ ଜୁଲାଇ ମାସ ୧୨ ତାରିଖରେ ସୁପ୍ରିମକୋର୍ଟ ତାଙ୍କୁ ମଧ୍ୟବର୍ତ୍ତୀକାଳୀନ ଜାମିନ ପ୍ରଦାନ କରିଥିଲେ । ତେବେ ସିବିଆଇ ଦ୍ୱାରା ଗିରଫ ହୋଇଥିବା କାରଣରୁ ସେ ଏବେ ଜେଲ୍‌ରେ ଅଛନ୍ତି ।

# ନିଉ ହୋମ୍ ସେକ୍ରେଟାରୀ

ବରିଷ୍ଠ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ଗୋବିନ୍ଦ ମୋହନ ଆଜି ନୂଆ କେନ୍ଦ୍ର ଗୃହ ସଚିବ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହି ପଦବୀରେ କାର୍ଯ୍ୟ କରୁଥିବା ଅଜୟ କୁମାର ଭଲ୍ଲାଙ୍କ ଅବସର ପରେ ଶ୍ରୀ ମୋହନଙ୍କୁ ଏହି ପଦବୀରେ ନିଯୁକ୍ତି ଦିଆଯାଇଛି । ୧୯୮୯ ବ୍ୟାଚ୍‌ର ପ୍ରଶାସନିକ ଅଧିକାରୀ ଗୋବିନ୍ଦ ମୋହନ ଏହା ପୂର୍ବରୁ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ସଚିବ  ଭାବେ କାର୍ଯ୍ୟ କରୁଥିଲେ ।

# କମଳା ହାରିସ୍ ନୋମିନେସନ୍

ଆମେରିକାର ଉପରାଷ୍ଟ୍ରପତି କମଳା ହାରିସ୍ ୨୦୨୪ ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ଡେମୋକ୍ରାଟିକ୍ ପାର୍ଟିର ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିବେ । ସେ ରିପବ୍ଲିକାନ୍ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପଙ୍କ ବିପକ୍ଷରେ ନିର୍ବାଚନ ଲଢ଼ିବେ । ଡେମୋକ୍ରାଟିକ୍ ପାର୍ଟିର ୪ ଦିନିଆ ରାଷ୍ଟ୍ରୀୟ ସମ୍ମିଳନୀର ଶେଷଦିନରେ ସୁଶ୍ରୀ ହାରିସ୍ ନିଜର ରାଷ୍ଟ୍ରପତି ପ୍ରାର୍ଥିତ୍ୱ ବିଷୟରେ ଘୋଷଣା କରିଛନ୍ତି ।

ସେ କହିଛନ୍ତି ଆଗାମୀ ଦିନରେ ସେ ଆମେରିକୀୟମାନଙ୍କ ମଧ୍ୟରେ ସୁସଂପର୍କ ପ୍ରତିଷ୍ଠା ଲାଗି ଉଦ୍ୟମ କରିବେ ଏବଂ ଭବିଷ୍ୟତ ଲାଗି ସଂଘର୍ଷ କରିବେ । ଭାରତୀୟ ବଂଶୋଦ୍ଭବ କମଳା ହାରିସ୍ ଡେମୋକ୍ରାଟିକ୍ ପାର୍ଟିର ପ୍ରାର୍ଥୀ ହେବା ପୂର୍ବରୁ ରାଷ୍ଟ୍ରପତି ଜୋ ବାଇଡେନ୍ ଚଳିତ ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିଥିଲେ । ଯଦି କମଳା ହାରିସ୍ ଏହି ନିର୍ବାଚନରେ ବିଜୟ ଲାଭ କରନ୍ତି, ସେ ଆମେରିକାର ପ୍ରଥମ ମହିଳା ରାଷ୍ଟ୍ରପତି ହେବେ ।

# ରାଜନାଥ-ଆମେରିକା ଭିଜିଟ୍

ଭାରତ ଏବଂ ଆମେରିକା ପରସ୍ପରର ସହଯୋଗୀ ଅଟନ୍ତି ଏବଂ ଉଭୟ ଦେଶ ମଧ୍ୟରେ ଥିବା ସଂପର୍କ ଆଗାମୀ ଦିନରେ ଆହୁରି ଦୃଢ଼ ହେବ ବୋଲି ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ କହିଛନ୍ତି । ଆମେରିକା ଗସ୍ତର ପ୍ରଥମ ଦିନରେ ଶ୍ରୀ ସିଂ ୱାଶିଂଟନ୍‌ଠାରେ ପ୍ରବାସୀ ଭାରତୀୟମାନଙ୍କୁ ସମ୍ବୋଧିତ କରିଛନ୍ତି । ୱାଶିଂଟନ୍ ଡିସିରେ ପ୍ରତିରକ୍ଷାମନ୍ତ୍ରୀ ପ୍ରବାସୀ ଭାରତୀୟଙ୍କ ସହ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିବା ଜଣାପଡ଼ିଛି । ସେ କହିଛନ୍ତି ପ୍ରବାସୀ ଭାରତୀୟମାନେ ଯେଉଁଠାରେ ରହିଲେ ମଧ୍ୟ ସେମାନଙ୍କ ସାଂସ୍କୃତିକ ମୂଲ୍ୟବୋଧକୁ ବଜାୟ ରଖିଛନ୍ତି । ଏହି ଗସ୍ତ କାଳରେ  ଉଭୟ ଦେଶ ସୁରକ୍ଷା ଅଧିକାରୀ ନିଯୁକ୍ତି ସଂପର୍କିତ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି । ଏ ସଂପର୍କିତ ଆଲୋଚନା ପରେ ଉଭୟ ଭାରତ ଓ ଆମେରିକା ରାଷ୍ଟ୍ରୀୟ ସୁରକ୍ଷା ସମ୍ବନ୍ଧୀୟ ସାମଗ୍ରୀ ଓ ସେବାକୁ ପ୍ରାଥମିକତା ଦେବା ଲାଗି ରାଜି ହୋଇଛନ୍ତି । ଏହି ବ୍ୟବସ୍ଥା ଅନୁଯାୟୀ ଉଭୟ ଦେଶ ଏଭଳି ଭିତ୍ତିଭୂମି ନିର୍ମାଣ କରିବେ, ଯାହା ରାଷ୍ଟ୍ରୀୟ ସୁରକ୍ଷାର ଆବଶ୍ୟକତା ପୂରଣ କରିବା ସହ ଅଚାନକ ସୃଷ୍ଟି ହୋଇଥିବା ସୁରକ୍ଷା ଜନିତ ଅଭାବ ପୂରଣ କରିପାରିବ । ଆମେରିକା ସହିତ ଏଭଳି ଚୁକ୍ତି କରିବାରେ ଭାରତ ଅଷ୍ଟାଦଶ ଦେଶ ।

ଏହା ପୂର୍ବରୁ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ତାଙ୍କ ଆମେରିକା ପ୍ରତିପକ୍ଷ ଲୟଡ ଅଷ୍ଟିନ୍‌ଙ୍କ ନିମନ୍ତ୍ରଣ ରକ୍ଷା କରି ଗତକାଲି ୱାଶିଂଟନ୍‌ରେ ପହଞ୍ଚିଥିଲେ । ଏହି ଗସ୍ତ କାଳରେ ଶ୍ରୀ ସିଂ ଆମେରିକା ପ୍ରତିରକ୍ଷାମନ୍ତ୍ରୀଙ୍କ

ସହ ଦ୍ୱିପକ୍ଷୀୟ ବୈଠକ କରିବେ । ଏହା ବ୍ୟତୀତ ଶ୍ରୀ ସିଂ ଆମେରିକାର ରାଷ୍ଟ୍ରୀୟ ସୁରକ୍ଷା ପରାମର୍ଶଦାତା ଜ୍ୟାକ୍ ସୁଲିଭାନ୍‌ଙ୍କ ସହ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି ।

## ଏକ୍ ପେଡ୍ ମା କେ ନାମ୍

ଆକାଶବାଣୀର ମହାନିର୍ଦ୍ଦେଶକ ମୌସୁମୀ ଚକ୍ରବର୍ତ୍ତୀ ଏବଂ ଅତିରିକ୍ତ ମହାନିର୍ଦ୍ଦେଶକ ଏଲ୍. ମଧୁନାଗ 'ମା'ଙ୍କ ନାମରେ ଗୋଟିଏ ଗଛ' ଅଭିଯାନରେ ଆଜି ନୂଆଦିଲ୍ଲୀ ଆକାଶବାଣୀ ପରିସରରେ ବୃକ୍ଷରୋପଣ କରିଛନ୍ତି । ଆକାଶବାଣୀର ଅନ୍ୟ ଅଧିକାରୀମାନେ ଏହି ଅବସରରେ ବୃକ୍ଷରୋପଣ କରିଥିବା ଜଣାପଡ଼ିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତବର୍ଷ ବିଶ୍ୱ ପରିବେଶ ଦିବସରେ **ଏକ୍ ପେଡ୍ ମା' କେ ନାମ୍** ଅଭିଯାନର ଆରମ୍ଭ କରିଥିଲେ । ପରେ ସାରାଦେଶରେ ଲୋକମାନେ ଅତ୍ୟନ୍ତ ଉତ୍ସାହର ସହିତ ବୃକ୍ଷରୋପଣ ଅଭିଯାନରେ ସାମିଲ ହୋଇଛନ୍ତି ।

## ଭେନ୍‌ଜୁଆଲା ପ୍ରେଜ୍ ଇଲେକ୍ସନ

ଭେନ୍‌ଜୁଆଲାର ସୁପ୍ରିମକୋର୍ଟ ଗତମାସରେ ସେଠାରେ ହୋଇଥିବା ରାଷ୍ଟ୍ରପତି ନିର୍ବାଚନକୁ ବୈଧ ଘୋଷଣା କରିଛନ୍ତି । ସେହି ନିର୍ବାଚନରେ ନିକୋଲାସ୍ ମାଦୁରୋ ରାଷ୍ଟ୍ରପତି ଭାବେ ନିର୍ବାଚିତ ହୋଇଥିଲେ । ଏ ନେଇ ସେଠାକାର ରାଷ୍ଟ୍ରୀୟ ନିର୍ବାଚନ ପରିଷଦ କହିଛି ଗତ ଜୁଲାଇମାସ ୨୮ ତାରିଖରେ ଅଦାଲତଙ୍କ ନିର୍ବାଚନ ନିଷ୍ପତ୍ତି ଅନୁଯାୟୀ ରାଷ୍ଟ୍ରପତି ନିର୍ବାଚନ ଫଳାଫଳକୁ ବୈଧ ବୋଲି ଘୋଷଣା କରାଯାଇଛି ।

ସୂଚନାଯୋଗ୍ୟ, ଗତ ମାସରେ ସେଠାରେ ହୋଇଥିବା ନିର୍ବାଚନରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ବିରୋଧୀ ଦଳଗୁଡ଼ିକ ରାଷ୍ଟ୍ରପତି ନିର୍ବାଚନ ଫଳାଫଳକୁ ଅବୈଧ ଘୋଷଣା କରିବା ଲାଗି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ।

# କ୍ରିକେଟ୍ ପ୍ରୋଗ୍ରାମ

ଭାରତ ଓ ଇଂଲଣ୍ଡ ମଧ୍ୟରେ ହେବାକୁ ଥିବା ଆଗାମୀ କ୍ରିକେଟ୍ କାର୍ଯ୍ୟସୂଚୀ ଘୋଷଣା କରାଯାଇଛି । ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଭାରତୀୟ ପୁରୁଷ କ୍ରିକେଟ୍ ଟିମ୍ ଆସନ୍ତା ବର୍ଷ ଜୁନ୍ ମାସରେ ଇଂଲଣ୍ଡ ବିପକ୍ଷରେ ୫ଟି ଟେଷ୍ଟ୍ ମ୍ୟାଚ୍ ଖେଳିବ । ଏହି ମ୍ୟାଚ୍ ଗୁଡ଼ିକ ଲିଡ୍ସ, ବର୍ମିଂହାମ୍, ଲଣ୍ଡନ ଏବଂ ମାଞ୍ଚେଷ୍ଟର୍‌ରେ ଖେଳାଯିବ । ସେହିପରି ଭାରତୀୟ ମହିଳା କ୍ରିକେଟ୍ ଟିମ୍‌ର କାର୍ଯ୍ୟସୂଚୀ ଘୋଷଣା କରାଯାଇଛି । ଆସନ୍ତା ବର୍ଷ ଜୁନ୍ ଏବଂ ଜୁଲାଇ ମାସରେ ଭାରତୀୟ ମହିଳା କ୍ରିକେଟ୍ ଦଳ ଇଂଲଣ୍ଡ ବିପକ୍ଷରେ ୫ଟି ଟି-୨୦ ଏବଂ ୩ଟି ଏକଦିବସୀୟ ମ୍ୟାଚ୍ ଖେଳିବ । ହରମନ୍‌ପ୍ରିତ୍ କୌର ଦଳର ଅଧିନାୟକ ଦାୟିତ୍ୱ ତୁଲାଇବେ ।